# NATIONAL NEWS BULLETIN (ODIA)

**4 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦେଶରେ ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ୍‌ଗଣତି ଜାରି ।
- ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ **୨୯୪**ଟି ଆସନରେ ଆଗୁଆ ଥିବାବେଳେ ଇଣ୍ଡିମେଣ୍ଟ **୨୩୦**ଟିରେ ଆଗୁଆ ।
- ବନାରସ ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗାନ୍ଧୀ ନଗରରୁ ଅମିତ ଶାହା, ଲକ୍ଷ୍ନୌରୁ ରାଜନାଥ ସିଂହ ଆଗରେ ଅଛନ୍ତି ।
- ଓଡ଼ିଶାରେ ବିଜେପିକୁ ବିପୁଳ ସଫଳତା ।

\- ୨୧ଟି ଲୋକସଭା ଆସନରୁ ୧୯ଟିରେ ଆଗୁଆ ଥିବାବେଳେ ୧୪୭ଟି ବିଧାନସଭା ଆସନରୁ ୭୪ଟିରେ ଆଗୁଆ ।

ଏବଂ

- ଭୋଟ୍‌ଗଣତି ଫଳାଫଳରୁ ନେଇ ଷ୍ଟକ ବଜାରରେ ଅସ୍ଥିରତା ।

# ନିର୍ବାଚନ ଫଳାଫଳ

ଦେଶରେ ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ୍‌ଗଣତି ଜାରି ରହିଛି । ଏହାସହିତ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନର ମତଗଣନା ଚାଲିଛି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ୧୦ଲକ୍ଷ ୫ହଜାର ଭୋଟ୍‌ଗଣତି କେନ୍ଦ୍ରରେ ମତଗଣନା ଚାଲିଛି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ **୨୯୪**ଟି ଲୋକସଭା ଆସନରେ ଆଗୁଆ ଥିବାବେଳେ ଇଣ୍ଡିମେଣ୍ଟ **୨୩୦**ଟି ଆସନରେ ଆଗୁଆ ରହିଛି । ଭାରତୀୟ ଜନତା ପାର୍ଟି ୨୪୦ଟି ଆସନରେ ଆଗରେ ଥିବାବେଳେ ଏହାପଛକୁ କଂଗ୍ରେସ ପାର୍ଟି ୯୪ଟି, ସମାଜବାଦୀ ପାର୍ଟି ୩୭ଟି, ତୃଣମୂଳ କଂଗ୍ରେସ ଦଳ ୩୧ଟି, ଡିଏମ୍‌କେ ୨୧ଟି, ତେଲୁଗୁଦେଶମ ପାର୍ଟି ୧୬ଟି ଓ ଜନତା ଦଳ ୟୁନାଇଟେଡ୍ ୧୫ଟି ଆସନରେ ଆଗୁଆ ରହିଛି ।

ଉତ୍ତରପ୍ରଦେଶରେ ମୋଟ୍ ୮୦ଟି ଆସନ ମଧ୍ୟରୁ ବିଜେପି ୩୬ଟି, ସମାଜବାଦୀ ପାର୍ଟି ୩୪, କଂଗ୍ରେସ ଦଳ ୭ଟି ଓ ଅନ୍ୟାନ୍ୟ ୩ଟି ଆସନରେ ଆଗରେ ରହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନାରସ ଆସନରୁ, ରାଜନାଥ ସିଂହ ଲକ୍ଷ୍ନୌରୁ, ହେମାମାଳିନୀ ମଥୁରାରୁ, ଅରୁଣ ଗୋବିଲ ମିରଟ ଆସନରୁ ଆଗରେ ଅଛନ୍ତି । ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, କଂଗ୍ରେନେତା ରାହୁଲ ଗାନ୍ଧୀ ନିଜନିଜ ଆସନରେ ଆଗରେ ଥିବାବେଳେ ଆମେଥିରୁ ବିଜେପି ନେତ୍ରୀ ସ୍ମୃତି ଇରାନୀ ପଛରେ ଅଛନ୍ତି ।

ମହାରାଷ୍ଟ୍ରରେ ମୋଟ୍ ୪୮ଟି ଆସନରେ ଭୋଟ୍‌ଗଣତି ଜାରି ରହିଛି । ଉଭୟ ବିଜେପି ଓ କଂଗ୍ରେସ ୧୧ଟି ଆସନରେ ଆଗରେ ଥିବାବେଳେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଦଳ ୯ଟି ଆସନରେ, ଶରତ ପାଓ୍ୱାରଙ୍କ ଏନ୍‌ସିପି ଦଳ ୮ଟି ଆସନରେ ଆଗରେ ଅଛନ୍ତି । ବିଜେପି ନେତା ନୀତିନ ଗଡକରୀ, ପୀୟୁଷ ଗୋଏଲ ନିଜନିଜ ଆସନରୁ ଆଗରେ ଅଛନ୍ତି ।

ପଶ୍ଚିମବଙ୍ଗରେ ମୋଟ୍ ୪୨ଟି ଆସନ ମଧ୍ୟରୁ ତୃଣମୂଳ କଂଗ୍ରେସ ୩୧ଟିରେ, ବିଜେପି ୧୦ଟିରେ ଓ କଂଗ୍ରେସ ଗୋଟିଏ ଆସନରେ ଆଗରେ ଅଛନ୍ତି ।

ମଧ୍ୟପ୍ରଦେଶରେ ୨୮ଟି ଆସନ ମଧ୍ୟରୁ ବିଜେପି ୨୭ ଆସନରେ ଆଗରେ ରହିଛି । ବରିଷ୍ଠ ବିଜେପି ନେତା ଶିବରାଜ ସିଂହ ଚୌହ୍ୱାନ ବିଦିସାରେ, ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୁନାରେ, ଭାରତ ସିଂହ ଖୁସୁଓ୍ୱା ଗୋଓ୍ୱାଲିଅର ଆସନରେ ଆଗୁଆ ଅଛନ୍ତି ।

ଗୁଜୁରାଟରେ ୨୬ଟି ଲୋକସଭା ଆସନରେ ଚାଲିଥିବା ଭୋଟ୍‌ଗଣତିରେ ୨୪ଟି ଆସନରେ ବିଜେପି ଆଗରେ ଥିବାବେଳେ ୨ଟି ଆସନରେ କଂଗ୍ରେସ ଆଗରେ ରହିଛି । ଗାନ୍ଧୀନଗର ଆସନରୁ ଅମିତ ଶାହା, ପୋର୍‌ବନ୍ଦର ଆସନରୁ ମନସୁଖ ମାଣ୍ଡବ୍ୟ, ରାଜକୋଟରୁ ପୁରୁଷୋତ୍ତମ ଭାଇ ରୂପାଲା ଆଗରେ ଅଛନ୍ତି ।

ଆନ୍ଧ୍ରପ୍ରଦେଶରେ ସମସ୍ତ ୨୫ଟି ଲୋକସଭା ଆସନ ମଧ୍ୟରୁ ୧୬ଟିରେ ତେଲୁଗୁ ଦେଶମ ପାର୍ଟି ଆଗୁଆ ଥିବାବେଳେ ବିଜେପି ୩ଟି,

ୱାଇଏସ୍ଆର୍ କଂଗ୍ରେସ ପାର୍ଟି ୪ଟି ଆସନରେ ଏବଂ ଅନ୍ୟାନ୍ୟ ଦଳ ୨ଟି ଆସନରେ ଆଗୁଆ ରହିଛି । ତେଲେଙ୍ଗାନାର ୧୭ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଓ କଂଗ୍ରେସ ୮ଟି ଲେଖାଏଁ ଆସନରେ ଆଗୁଆ ଥିବାବେଳେ ଅନ୍ୟାନ୍ୟ ଦଳ ଗୋଟିଏ ଆସନରେ ଆଗୁଆ ରହିଛି । ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଆଶାଦୁଦ୍ଦିନ ଓୟେସି ହାଇଦ୍ରାବାଦ ଆସନରୁ ଆଗୁଆ ରହିଛନ୍ତି । ସେହିଭଳି କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ସିକନ୍ଦରାବାଦ ଆସନରେ ଆଗରେ ଅଛନ୍ତି ।

କର୍ଣ୍ଣାଟକର ୨୮ଟି ଆସନ ମଧ୍ୟରୁ ବିଜେପି ୧୬, ଜେଡିଏସ୍ ୩ ଓ କଂଗ୍ରେସ ଦଳ ୯ଟି ଆସନରେ ଆଗରେ ଅଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ହାବେରି ଆସନରେ, ବିଜେପି ନେତା ତେଜସ୍ୱୀ ସୂର୍ଯ୍ୟ ବାଙ୍ଗାଲୋର ସାଉଥ୍ ଆସନରେ ଆଗରେ ଅଛନ୍ତି ।

ବିହାରର ୪୦ଟି ଆସନ ମଧ୍ୟରୁ ବିଜେପି ୧୧ଟିରେ, ୟୁନାଇଟେଡ୍ ଜନତା ଦଳ ୧୪ଟିରେ, ଆର୍‌ଜେଡି ୫ଟିରେ, କଂଗ୍ରେସ ଗୋଟିଏ ଆସନରେ, ଏଲ୍‌ଜେପି ୫ଟି ଆସନରେ ଆଗରେ ରହିଛି ।

ତାମିଲନାଡୁରେ ଅଣଚାଳିଶଟି ଆସନ ମଧ୍ୟରୁ ଡିଏମ୍‌କେ ୨୧ଟି, କଂଗ୍ରେସ ଦଳ ୮ଟି ଓ ଅନ୍ୟାନ୍ୟ ଦଳ ୭ଟି ଆସନରେ ଆଗରେ ଅଛନ୍ତି ।

ପଞ୍ଜାବରେ ୧୩ଟି ଆସନର ଭୋଟ୍‌ଗଣତି ଜାରି ରହିଛି । ୭ଟି ଆସନରେ କଂଗ୍ରେସ, ୩ଟି ଆସନରେ ଆମ୍ ଆଦ୍‌ମୀ ପାର୍ଟି ଓ ଅନ୍ୟାନ୍ୟ ପ୍ରାର୍ଥୀ ୩ଟି ଆସନରେ ଆଗରେ ଅଛନ୍ତି ।

କେରଳରେ ୨୦ଟି ଆସନରେ ଗଣତି ଜାରି ରହିଛି । ୧୩ଟି ଆସନରେ କଂଗ୍ରେସ ଦଳ, ବିଜେପି ୨ଟି ଆସନରେ, ସିପିଆଇଏମ୍ ଗୋଟିଏ ଆସନରେ ଓ ଅନ୍ୟାନ୍ୟ ଦଳ ୪ଟି ଆସନରେ ଆଗରେ ଅଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ୱାୟନାଡ ଆସନରେ ଆଗରେ ଅଛନ୍ତି ।

ଝାଡ଼ଖଣ୍ଡରେ ମୋଟ୍ ୧୪ଟି ଆସନ ମଧ୍ୟରୁ ବିଜେପି ୮ଟି ଆସନରେ, କଂଗ୍ରେସ ୩ଟି ଆସନରେ, ଜେଏମ୍ଏମ୍ ୨ଟି ଆସନରେ ଓ ଏଜେଏସ୍ୟୁପି ଗୋଟିଏ ଆସନରେ ଆଗରେ ରହିଛନ୍ତି ।

ହରିୟାଣାରେ ମୋଟ୍ ୧୦ଟି ଆସନରୁ ଉଭୟ କଂଗ୍ରେସ ଓ ବିଜେପି ୫ଟି ଲେଖାଏଁ ଆସନରେ ଆଗରେ ଅଛନ୍ତି ।

ଛତିଶଗଡରେ ୧୧ଟି ଆସନ ମଧ୍ୟରୁ ୧୦ଟିରେ ବିଜେପି ଓ ଗୋଟି, ଆସନରେ କଂଗ୍ରେସ ଦଳ ଆଗରେ ରହିଛି ।

ଦିଲ୍ଲୀରେ ସମସ୍ତ ୭ଟି ଯାକ ଆସନରେ ବିଜେପି ଆଗରେ ରହିଛି ।

# ନିର୍ବାଚନ ଫଳାଫଳ-ଓଡ଼ିଶା

ଓଡ଼ିଶାର ୨୧ଟି ଲୋକସଭା ଆସନ ସମେତ ମୋଟ୍ ୫୪୨ଟି ଲୋକସଭା ଆସନ ପାଇଁ ଭୋଟ୍‌ଗଣତି ଚାଲିଛି ।

ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି **୧୯ଟି** ଆସନରେ ଆଗୁଆ ଥିବାବେଳେ, ବିଜେଡି ଓ କଂଗ୍ରେସ ଗୋଟିଏ ଲେଖାଏଁ ଆସନରେ ଆଗୁଆ ରହିଛନ୍ତି । ସମ୍ବଲପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡିର ପ୍ରଣବପ୍ରକାଶ ଦାସଙ୍କ ଠାରୁ

ଆଗରେ ରହିଛନ୍ତି । ବାଲେଶ୍ୱରରେ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଜେଡିର ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ଠାରୁ ଏବଂ କଟକରେ ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ଠାରୁ ଆଗରେ ଅଛନ୍ତି । ପୁରୀରେ ବିଜେପିର ସମ୍ବିତ ପାତ୍ର ବିଜେଡି ପ୍ରାର୍ଥୀ ଅରୁପ ପଟ୍ଟନାୟକଙ୍କ ଠାରୁ ଆଗରେ ଅଛନ୍ତି ।

ବିଜେଡି ଯାଜପୁର ଲୋକସଭା ପ୍ରାର୍ଥୀ ସର୍ମିଷ୍ଠ ସେଠୀ, କନ୍ଧମାଳରୁ ଅଚ୍ୟୁତ ସାମନ୍ତ ଏବଂ କେନ୍ଦ୍ରାପଡାରୁ ଅଂଶୁମାନ ମହାନ୍ତି ଆଗରେ ରହିଛନ୍ତି । କଂଗ୍ରେସର କୋରାପୁଟ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ଆଗରେ ଅଛନ୍ତି ।

ଅନ୍ୟପକ୍ଷରେ ଓଡ଼ିଶାର ୧୪୭ଟି ବିଧାନସଭା ଆସନ ଲାଗି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି କାର୍ଯ୍ୟ ଚାଲିଛି । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ବିଜେପି **୭୪ଟି** ଆସନରେ ଆଗୁଆ ଥିବାବେଳେ ବିଜେଡି ପ୍ରାର୍ଥୀମାନେ **୫୭ଟି** ଆସନରେ ଆଗରେ ରହିଛନ୍ତି । କଂଗ୍ରେସ **୧୪ଟି** ଆସନରେ ଆଗରେ ରହିଛି । ଜଣେ ସ୍ୱାଧୀନ ପ୍ରାର୍ଥୀ ଆଗରେ ଥିବାବେଳେ ଗୋଟିଏ ଆସନରେ ସିପିଆଇ ଆଗୁଆ ରହିଛି ।

ଓଡ଼ିଶାରେ ଚାଲିଥିବା ଭୋଟ୍ ଗଣତିର ସଦ୍ୟ ସ୍ଥିତି ସମ୍ପର୍କରେ ସୂଚନା ଦେଉଛନ୍ତି ଆମ ଭୁବନେଶ୍ୱର ସମ୍ବାଦଦାତା ଦୀପକ କୁମାର ବେହେରା...

**V/o-**

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ବିଧାନସଭାର ଭୋଟ୍‌ଗଣତି ଫଳାଫଳରୁ ତେଲୁଗୁଦେଶମ ପାର୍ଟି ୧୨୭ଟି ଆସନରେ ଆଗରେ ଥିବାବେଳେ, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୨୨ଟି, ବିଜେପି ୭ଟି ଓ ଜନସେନା ପାର୍ଟି ୧୭ଟି ଆସନରେ ଆଗରେ ଥିବା ଜଣାପଡିଛି ଜଣାପଡିଛି । ମୋଟ୍ ୧୭୫ଟି ଆସନରୁ ୧୭୩ଟି ଆସନର ଫଳାଫଳ ହସ୍ତଗତ ହୋଇଛି ।

## ରିଆକ୍ସନ

ଭୋଟ୍ ଗଣତିରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଆଗରେ ରହିଥିବା ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟିର ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏନ୍‌ଡିଏ ପୁଣି ଥରେ ସରକାର କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆକାଶବାଣୀକୁ ସୂଚନା ଦେଇ ସେ କହିଛନ୍ତି ୫ ରାଉଣ୍ଡ ଗଣତି ଶେଷ ହୋଇଛି । ଗଣତିର ଶେଷ ପର୍ଯ୍ୟାୟ ବେଳକୁ ବିଜେପିକୁ ସ୍ୱଷ୍ଟ ବହୁମତ ମିଳିବ ବୋଲି ସେ କହିଛନ୍ତି ।

ସେହିଭଳି କଂଗ୍ରେସ ନେତା ରାଗିଣୀ ନାୟକ କହିଛନ୍ତି ଇଣ୍ଡିମେଣ୍ଟକୁ ଆହୁରି ଅଧିକ ଆସନ ମିଳିବ । ସରକାର ଗଠନ କରିବା ପାଇଁ ଏନ୍‌ଡିଏକୁ ୨୭୨ଟି ଆସନ ମିଳିବ ନାହିଁ ।

# ସେନସେକ୍ସ

ଭୋଟ୍‌ଗଣତି ଫଳାଫଳ ମିଳିବା ପରେ ଷ୍ଟକ ବଜାର ୪ହଜାରରୁ ଅଧିକ ପଏଣ୍ଟ ତଳକୁ ଖସିଛି । ଏକ୍‌ଜିଟ୍ ପୋଲ ପ୍ରକାଶ ପାଇବା ପରେ ଗତକାଲି ଷ୍ଟକ ବଜାରରେ ୨ହଜାର ୫ଶହ ପଏଣ୍ଟ ଅଭିବୃଦ୍ଧି ଘଟିଥିଲା । ତେବେ ଆଜି ସକାଳେ ଭୋଟ୍‌ଗଣତି ଫଳାଫଳକୁ ନେଇ ଷ୍ଟକ ବଜାରରେ ଅସ୍ଥିରତା ଦେଖାଦେଇଛି । ଗତକାଲି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୭୬ହଜାର ୪୬୮ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ଆଜି ୫ହଜାରରୁ ଅଧିକ ପଏଣ୍ଟ ହ୍ରାସ ପାଇଥିଲା । ଏବେ ଷ୍ଟକ ବଜାର ୪ହଜାର ୩୪୨ପଏଣ୍ଟ ତଳେ କାରବାର କରୁଛି । କୋଭିଡ ମହାମାରୀ ପରେ ଗୋଟିଏ ଦିନରେ ଷ୍ଟକ ବଜାରରେ ଏହା ସର୍ବାଧିକ ହ୍ରାସ ବୋଲି ଜଣାପଡିଛି ।